# ଅଲ୍ ଓଡିଶା ୟୁନିୟନ୍ ବ୍ୟାଙ୍କ୍ ଏମ୍ପ୍ଲୋୟିଜ୍ ଆସୋସିଏସନ

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ); ସ୍ଥାପିତ - ୦୭-୦୮-୧୯୭୭

ମୁଖ୍ୟ କାର୍ଯ୍ୟାଳୟ - ମାର୍ଫତ୍ ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା, ୩/୧-ଏ, ସିଭିକ୍ ସେଣ୍ଟର୍,

ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର୍

e-mail :- aoubea@gmail.com, Website : www.aoubea.org

=====================================================================================

ଭୁବନେଶ୍ୱର ତାରିଖ:-୨୪.୧୨.୨୦୧୯

ପରିପତ୍ର ସଂଖ୍ୟା ୨୪ / ୨୦୧୯

**ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ପୂରଣ** : - କମ୍ରେଡ୍, ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ପାଇଁ NRO ଭୁବନେଶ୍ୱର ଗତ ୨୬.୧୧.୨୦୧୯ ତାରିଖରେ ସାର୍କୁଲାର ମାଧମରେ ଖାଲି ଥିବା ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ପୂରଣ ପାଇଁ ଭୁବନେଶ୍ୱର ରିଜିଓନ ର - ବଡ଼ବିଲ ଶାଖା,ସମ୍ବଲପୁର ରିଜିଓନ ର - ରିଆମାଳ ଶାଖା ଓ ମାଲକାନଗିରି ଶାଖା ପାଇଁ ଦରଖାସ୍ତ ଆହ୍ୱାନ କରିଥିଲେ। ଏହି ପଦବୀ ପାଇଁ ଯେଉଁ ସାଥୀ ମାନେ ଆବେଦନ କରିଥିଲେ ସେମାନଙ୍କ ମଧ୍ୟରୁ ବରିଷ୍ଠତା ଆଧାରରେ ନିମ୍ନ ଲିଖିତ ସାଥିମାନଙ୍କୁ କର୍ତ୍ତୃପକ୍ଷ ସ୍ପେଶାଲ ଆସିଷ୍ଟାଣ୍ଟ ଭାବେ ପଦୋନ୍ନତି ଦେଇଛନ୍ତି ।

| କ୍ର ନ | ସାଥିଙ୍କ ନାମ | ବର୍ତ୍ତମାନ ଶାଖା | ବର୍ତ୍ତମାନ ପଦବୀ | ସ୍ପେଶାଲ ଆସିଷ୍ଟାଣ୍ଟ ଭାବେ ପାଇଥିବା ଶାଖା ର ନାମ |
|---|---|---|---|---|
| ୧ | ଦେବାଶିଷ ବେହେରା | ମଙ୍ଗଳପୁର | ହେଡ କ୍ୟାସିୟର –II | ବଡ଼ବିଲ |
| ୨ | ଅସିମ୍ ଡୁଙ୍ଗ୍ ଡୁଙ୍ଗ୍ | ମାଲକାନଗିରି | SWO – A | ମାଲକାନଗିରି |
| ୩ | ସୁବ୍ରତ କୁମାର ପତି | ବସୁଦେବପୁର | SWO – A | ରିଆମାଳ |

**ସାଥୀଙ୍କ ଅବସର : -** ଯାଜପୁର ଶାଖାର ସ୍ପେଶିଆଲ ଆସିଷ୍ଟାଣ୍ଟ ସାଥୀ ସଞ୍ଜୟ କୁମାର ମହାନ୍ତି ଗତ ୩୦.୧୧.୨୦୧୯ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ସାଥିଙ୍କ ଅବସର କାଳୀନ ସମୟ ସୁଖ ଶାନ୍ତି ଓ ନିରୋଗମୟ ହେଉ ଏତିକି କାମନା ।

**ବାହାର ରାଜ୍ୟରୁ ଅନୁରୋଧ ବଦଳି : -** ଓଡିଶା ବାହାରେ ଥିବା ଯେଉଁ କ୍ଲର୍କ ସାଥିମାନେ ଆମ ରାଜ୍ୟକୁ ବଦଳି ହେବା ପାଇଁ ଅନୁରୋଧ କରିଥିଲେ ସେମାନଙ୍କ ମଧ୍ୟରୁ ନିମ୍ନ ଲିଖିତ ସାଥିମାନେ ଇତି ମଧ୍ୟରେ ସେଣ୍ଟ୍ରାଲ ଅଫିସ ଠାରୁ ବଦଳି ଆଦେଶ ପାଇଛନ୍ତି ।

| କ୍ର ନ | ସାଥିଙ୍କ ନାମ | ପି ଏଫ ନଂ | ବର୍ତ୍ତମାନ ଶାଖା | କେଉଁ ପଦବୀରେ ଯୋଗଦାନ | ପାଇଥିବା ଶାଖା |
|---|---|---|---|---|---|
| ୧ | ମାନସ ରଞ୍ଜନ ମୋହନ୍ତ | ୭୭୪୩୧୪ | ଚନ୍ନାପାଟନା/ବାଙ୍ଗାଲୋର | SWO–A | କେନ୍ଦୁଝର |
| ୨ | ବିକ୍ରମ କୁମାର ଭଞ୍ଜ | ୭୭୪୨୯୦ | ପାନଧାରପୁର/କୋଲ୍ହାହପୁର | SWO–A | ବାଲମୁକୁଳି |
| ୩ | ରାଜକିଶୋର ସେନାପତି | ୭୭୪୪୬୧ | କସ୍ପେଦିଗ୍ରଜ/କୋଲ୍ହାହପୁର | SWO–A | ମଙ୍ଗଳପୁର |
| ୪ | ପ୍ରଶାନ୍ତ କୁମାର ସାହୁ | ୭୭୪୧୩୧ | ଶିରୋଦା/ଗୋଆ | SWO–A | ବାସୁଦେବପୁର |
| ୫ | ସନ୍ତୋଷ ରାଉତରାୟ | ୭୭୩୮୩୭ | ସଙ୍ଗୋଲା/ କୋଲ୍ହାହପୁର | SWO–A | ପୁରୁଷୋତ୍ତମପୁର |
| ୬ | ସୁରେଶ କୁମାର ଦାସ | ୭୭୫୫୯୭ | କପୁରବାଭଡି/ମୁମ୍ବାଇ ନର୍ଥ | SWO–A | ଜୟନଗର |
| ୭ | ପ୍ରଣବ କୁମାର ନାଥ ଶର୍ମା | ୭୭୫୪୭୫ | ବିକ୍ରୋଳି(ୱେ)/ ମୁମ୍ବାଇ ନର୍ଥ | SWO–A | ବାଲିଚନ୍ଦ୍ରପୁର |
| ୮ | ରିପ୍ଲୀନ ଭୋଇ | ୭୭୬୮୧୯ | ପାଲଘର /ମୁମ୍ବାଇ ୱେଷ୍ଟ | SWO–A | ଗାଇସିମା |
| ୯ | ଲାଲମୋହନ ସାହୁ | ୭୭୧୩୪୪ | ଡାମନ / ସୁରଟ | SWO–A | ବାଲୁଗାଁ |
| ୧୦ | ପ୍ରଶାନ୍ତ କୁମାର ତିର୍କି | ୭୩୮୪୮୨ | ନାୱାପରା ରାଜିମ /ରାଏପୁର | SWO–A | ବ୍ରଜରାଜନଗର |
| ୧୧ | ଅଜିତ କୁମାର ଜେନା | ୭୭୪୫୬୧ | ବୋମ୍ମାନାହଲ୍ଲୀ/ମାଙ୍ଗାଲୋର | SWO–A | ଧାମରା |
| ୧୨ | ରବୀନ୍ଦ୍ର ସାହୁ | ୭୫୮୨୯୧ | ଦାଭୋଇ / ବରୋଦା | SWO–A | କଟକ |

ସାଥୀ ମାନଙ୍କ ମଧ୍ୟରୁ ପ୍ରଶାନ୍ତ କୁମାର ତିର୍କୀ ନାୱାପରା ରାଜିମ ଶାଖାରୁ ୧୩ ତାରିଖରେ ବଦଳି ହୋଇ ଆସି ବ୍ରଜରାଜନଗର ଶାଖାରେ ଯୋଗ ଦେଇଛନ୍ତି । ଅନ୍ୟ ସାଥିମାନେ କିପରି ଶୀଘ୍ର ଆସିବେ ଏସଇ ଦିଗରେ ଆମ ସଂଗଠନ ଅନବରତ ଚେଷ୍ଟା କରୁଛି ।

ସାଥୀଗଣ ଗତ ୧୨ ତାରିଖ ର କାର୍ଯ୍ୟକ୍ରମ ଶାଖା ପରିଚାଳକଙ୍କୁ ସ୍ମାରକ ପତ୍ର (memorandum) ପ୍ରଦାନ ଆମ ରାଜ୍ୟ ସଂଗଠନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ। ଆମେ ପୂର୍ବରୁ ଏ ବିଷୟରେ ଆପଣ ମାନଙ୍କୁ ଅବଗତ କରିସାରିଛୁ। ଆମ ରାଜ୍ୟର ଅଧାରୁ ଅଧିକ ୟୁନିଟ (ଶାଖା) ଏପର୍ଯ୍ୟନ୍ତ ଦେଇଛନ୍ତି କି ନାହିଁ ତାହା ଜଣାଇଲେ ନାହିଁ । ଯେଉଁ ୟୁନିଟ (ଶାଖା) ଏପର୍ଯ୍ୟନ୍ତ ସ୍ମାରକ ପତ୍ର (memorandum) ପ୍ରଦାନ କରି ନାହାନ୍ତି ସେମାନେ ଆଜି ଦେଇ ତାକୁ ୧୨ ତାରିଖରେ ଶାଖା ପ୍ରବନ୍ଧକଙ୍କ ଠାରୁ ସ୍ୱାକ୍ଷର କରାଇ ଗ୍ରୁପ ରେ ଜଣାଇବେ। ଯେଉଁ ୟୁନିଟ ସ୍ମାରକ ପତ୍ର (memorandum) ଦେଇଛନ୍ତି ଆମକୁ ଜଣାଇ ନାହାନ୍ତି ସେମାନେ ତୁରନ୍ତ ଜଣାଇବାକୁ ଅନୁରୋଧ। ଏହା ଯେପରି ସମସ୍ତ ଶାଖା ରେ ପ୍ରଦାନ କରାଯାଏ କର୍ମକର୍ତ୍ତା ଓ କମିଟି ମେମ୍ବର ମାନେ ନିଶ୍ଚିତ ଧ୍ୟାନ ଦେବେ।

**କ୍ଲର୍କ ରୁ ଅଫିସର ପ୍ରମୋସନ:-** ବ୍ୟାଙ୍କ ମ୍ୟାନେଜମେଣ୍ଟ ଆମ କେନ୍ଦ୍ରିୟ ଫେଡରେସନ ର ଚାପ ଓ ନେତୃତ୍ଵ ମାନଙ୍କ ଲଗାତାର ପ୍ରୟାସ ରେ ପ୍ରଭାବିତ ହୋଇ କ୍ଲର୍କ ରୁ ଅଫିସର ପ୍ରମୋସନ ର ବର୍ଷ ୨୦୧୯-୨୦୨୦ ପାଇଁ ସାର୍କୁଲାର ଜାରି କରିଛନ୍ତି। ଗୋଟିଏ ସମୟରେ ନିଜକୁ ବଡ ସଂଗଠନ ବୋଲାଉଥିବା ଓ ମ୍ୟାନେଜମେଣ୍ଟ ର ହାତବାରିଶ ସାଜିଥିବା AIBEA ସଂଗଠନ ମ୍ୟାନଜମେଣ୍ଟର ସମସ୍ତ କଥା ମାନି ନେଇ ବର୍ଷ ୧୯-୨୦ ପାଇଁ ଆଉ ପ୍ରମୋସନ ହେବ ନାହିଁ ବୋଲି ପ୍ରଚାର କରିଥିଲା। ହେଲେ ଆମ କେନ୍ଦ୍ରିୟ ଫେଡରେସନ ଏ ବାବଦରେ କର୍ତ୍ତୃପକ୍ଷଙ୍କ ପାଖରେ ବାରମ୍ବାର ଦାବି ଜଣାଇଲା ପରେ ମଧ ବ୍ୟାଙ୍କ କର୍ତ୍ତୃପକ୍ଷ ଫେଡରେସନ ର ଦାବିକୁ ନ ମାନିବାରୁ ବାଧ ହୋଇ ଫେଡରେସନ ଏ ଏଲ ସି ର ଦ୍ଵାରସ୍ତ ହୋଇ ଥିଲା। ଏ ଏଲ ସି ର ଚେତାବନି ପରେ ବାଧ ହୋଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ପ୍ରକ୍ରିୟା ଆରମ୍ଭ କଲେ। ଜାରି କରା ଯାଇଥିବା ସାର୍କୁଲାର ସଂଖ୍ୟା ୭୦୭୧ ଅନୁସାରେ ସର୍ବ ଭାରତୀୟ ଖାଲି ଥିବା ପଦବୀ ଚିହ୍ନଟ ସଂଖ୍ୟା ନିମ୍ନରେ ପ୍ରଦତ୍ତ କରାଗଲା।

ସର୍ବ ଭାରତୀୟ ରାଜ୍ୟ ବରିଷ୍ଠତା ଆଧାର ରେ ପଦବୀ ସଂଖ୍ୟା ୫୧୭ ,ସର୍ବ ଭାରତୀୟ ମେରିଟ ଚାନେଲ ଆଧାର ରେ ପଦବୀ ସଂଖ୍ୟା ୩୬୯

ସର୍ବ ମୋଟ ପଦବୀ ସଂଖ୍ୟା - ୮୮୬

ସର୍ବ ଭାରତୀୟ ମେରିଟ ଚାନେଲ ପଦବୀ ସଂଖ୍ୟା ୩୬୯ ରୁ ନିମ୍ନ ମତେ ବିଭକ୍ତି କରଣ କରାଯାଇଛି।

ଏସ ସି ପଦବୀ ( SC ) ପାଇଁ ୫୬ ଟି,ଏସ ଟି ପଦବୀ( ST )ପାଇଁ ୩୦ ଟି,ଅସଂରକ୍ଷିତ ପଦବୀ ( UR ) ପାଇଁ ୨୮୩ ଟି

ସର୍ବ ମୋଟ ପଦବୀ ଚିହ୍ନଟ ସଂଖ୍ୟା ୩୬୯

ଏଥିରେ ଆମ ରାଜ୍ୟ ର ଷ୍ଟେଟ ସିନୀୟରଟି ଚାନେଲ ପାଇଁ ନିମ୍ନ ମତେ ପଦବୀ ଚିହ୍ନଟ ହୋଇଛି।

ଏସ ସି ପଦବୀ( SC )ପାଇଁ ୨ ଟି,ଏସ ଟି ପଦବୀ( ST )ପାଇଁ ୩ ଟି,ଅସଂରକ୍ଷିତ ପଦବୀ( UR )ପାଇଁ ୬ ଟି

ସର୍ବ ମୋଟ ପଦବୀ ସଂଖ୍ୟା - ୧୧ ଟି

(୧୧ ଟି ପଦବୀ ମଧରୁ ୧ଟି ବଧିର ଓ ୧ଟି ଅନ୍ୟାନ୍ୟ ଶ୍ରେଣୀ ପାଇଁ ସଂରକ୍ଷିତ ଅଟେ।)

ଏହି ପ୍ରମୋସନ ପ୍ରକ୍ରିୟା ପାଇଁ ଯୋଗ୍ୟତା ନିର୍ଧାରଣ ତାରିଖ ୦୧-୧୦-୨୦୧୯ ରଖା ଯାଇଛି।

ଯେଉଁ ପ୍ରାର୍ଥୀ ମାନେ ୦୧-୧୦-୨୦୧୯ ତାରିଖ ସୁଦ୍ଧା ଚାକିରୀ ରେ ୩ ବର୍ଷ ପୂରଣ କରିଥିବେ ସେମାନେ ଷ୍ଟେଟ ସିନୀୟରଟି ରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

ଯେଉଁ ପ୍ରାର୍ଥୀ ମାନେ ୦୧-୧୦-୨୦୧୯ ତାରିଖ ସୁଦ୍ଧା ଚାକିରୀ ରେ ୨ ବର୍ଷ ପୂରଣ କରିଥିବେ ସେମାନେ ଅଲ ଇଣ୍ଡିଆ ମେରିଟ ଚାନେଲ ରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

**ସବ୍ ଷ୍ଟାଫ ରୁ କ୍ଲର୍କ ପ୍ରମୋସନ :-** ସାଥୀଗଣ,ବ୍ୟାଙ୍କ କର୍ତ୍ତୃପକ୍ଷ ସବ ଷ୍ଟାଫ ରୁ କ୍ଲର୍କ ପ୍ରମୋସନ ରେ ଆମ ରାଜ୍ୟ ଓଡିଶା ପାଇଁ ମାତ୍ର ୪ ଟି ପଦବୀ ଚିହ୍ନଟ କରିଥିଲେ। ସେଥି ମଧରେ ବରିଷ୍ଠତା ଭିତ୍ତିରେ ମାତ୍ର ଗୋଟିଏ ST ପଦବୀ ଓ ମେରିଟ ଚାନେଲ୍ ରେ ୩ଟି ପଦବୀ ୧ ଟି ST, ୧ ଟି SC ଓ ୧ଟି UR ପଦବୀ ଚିହ୍ନଟ କରିଥିଲେ। କିନ୍ତୁ ଆମ ପ୍ରମୋସନ ପଲିସି ଅନୁଯାୟୀ ଯେତେ ପଦବୀ ଚିହ୍ନଟ ହେବ ମୋଟ ପଦବୀର ବରିଷ୍ଠତା ଭିତ୍ତିରେ ଶତକଡା ୫୦ ଭାଗ ଓ ମେରିଟ ଚାନେଲ୍ ରେ ଶତକଡା ୫୦ ଭାଗ ହେବା କଥା କିନ୍ତୁ କର୍ତ୍ତୃପକ୍ଷ ଙ୍କ ଉପରୋକ୍ତ ନିଷ୍ପତିକୁ ଆମ କେନ୍ଦ୍ରୀୟ ସଂଗଠନ ଦୃଢ ଭାବେ ବିରୋଧ କରି କର୍ତ୍ତୃପକ୍ଷ ଙ୍କୁ ଏକ ପ୍ରତିବାଦ ଚିଠି ଦେଇଥିଲେ। ଫେଡରେସେନ ର ଚାପ ଫଳରେ ଆଜି ବ୍ୟାଙ୍କ କର୍ତ୍ତୃପକ୍ଷ ସାର୍କୁଲାର ସଂଖ୍ୟା ୭୦୫୨ମାଧମରେ ଜଣାଇଛନ୍ତି ଯେ ବରିଷ୍ଠତା ଭିତ୍ତିରେ ଆମର ଯେଉଁ ପଦବୀ ଚିହ୍ନଟ ହୋଇ ଥିଲା ତାହା ପରିବର୍ତ୍ତନ ହୋଇ ୧ ଟି SC ପଦବୀ ଚିହ୍ନଟ କରାଗଲା ଓ ମେରିଟ ଚାନେଲ୍ ରେ ଥିବା ୧ ଟି SC ପଦବୀ ପରିବର୍ତ୍ତନ କରାଗଲା।

ସଂଶୋଧିତ ପଦବୀ ଓଡ଼ିଶା ପାଇଁ ନିମ୍ନ ରେ ପ୍ରଦତ୍ତ କରାଗଲା।

ବରିଷ୍ଠତା ଭିତ୍ତିରେ : -

୧ ଟି SC + ୧ ଟି ST ମୋଟ = ୨ଟି,ମେରିଟ ଚାନେଲ୍ ୧ ଟି ST + ୧ଟି UR ମୋଟ= ୨ଟି,ସର୍ବମୋଟ୍ = ୪ଟି

ଶିକ୍ଷା ଓ ଚାକିରୀ ଅବଧି ର ନିର୍ଣ୍ଣାୟକ ତାରିଖ (କଟ ଅଫ ଡେଟ୍)୦୧-୦୯-୨୦୧୯ ଅଟେ ।

ଏହି ପ୍ରମୋଶନ ପ୍ରକ୍ରିୟା ପାଇଁ ଏସସି/ଏସ୍ ଟି /ଓବିସି ପରୀକ୍ଷାର୍ଥୀ ଙ୍କ ପାଇଁ ଟ୍ରେନିଂ ପ୍ରୋଗ୍ରାମ ଇଏସ ଟି ସି – ଭୁବନେଶ୍ଵର ରେ ଚାଲୁଅଛି ।

**ସବ୍ ଷ୍ଟାଫ ରୁ କ୍ଲର୍କ ପ୍ରମୋସନ ସିନିୟରଟି ଚାନେଲ :-** ସବ୍ ଷ୍ଟାଫ ରୁ କ୍ଲର୍କ ପ୍ରମୋସନ ପ୍ରକ୍ରିୟା ରେ ବରିଷ୍ଠତା (seniority) ଭିତ୍ତିରେ ପରୀକ୍ଷା ଦେବା ପାଇଁ ଯେଉଁ ୪ଜଣ ସାଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି ତାଙ୍କର ଟ୍ରେନିଂ ପ୍ରୋଗ୍ରାମ ଆସନ୍ତା ତା ୦୨-୦୧-୨୦୨୦ ରିଖ ରୁ ତା ୦୭-୦୧-୨୦୨୦ ରିଖ ପର୍ଯ୍ୟନ୍ତ STC-BBSR ରେ ଅନୁଷ୍ଠିତ ହେବ। ବରିଷ୍ଠତା (seniorty) ଚାନେଲର ପରୀକ୍ଷା ୦୭-୦୧-୨୦୨୦ ତାରିଖ ମଙ୍ଗଳବାର ଦିନ STC ରେ ଅନୁଷ୍ଠିତ ହେବ। ନିମ୍ନ ୪ଜଣ ସାଥୀ ବରିଷ୍ଠତା (seniorty) ଭିତ୍ତିରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

| ଏସ ଟି ( ST ) ପାଇଁ | ଏସ ସି ( SC ) ପାଇଁ |
|---|---|
| ୧ - ସଞ୍ଜୟ ନାୟକ -ଦପ୍ତରୀ/ହାଉସ କିପର - କଳିଙ୍ଗ ବିହାର | ୧ - ମହେନ୍ଦ୍ର ସେଠୀ - ୱାଚ ମ୍ୟାନ - ଏସ ଟି ସି - ଭୁବନେଶ୍ଵର |
| ୨ - କିଶୋର ମିର୍ଧା - ଦପ୍ତରୀ/ହାଉସ କିପର - ବଲାଙ୍ଗୀର | ୨ - ବିଷ୍ଣୁ ଚରଣ ନାୟକ - ଦପ୍ତରୀ - ମହୁରା |

ଏହି ପରୀକ୍ଷା ପାଇଁ କର୍ତ୍ତୃପକ୍ଷ ଜାନୁଆରୀ ୦୮ ତାରିଖ ଦିନ ଧାର୍ଯ୍ୟ କରିଥିଲେ ହେଲେ ସେହି ଦିନ ଟ୍ରେଡ ୟୁନିୟନ ମାନଙ୍କ ର ଡାକରାରେ ସାରା ଭାରତ ବର୍ଷ ର ଦିନିକିଆ ଧର୍ମଘଟ ହେବ । ସେଥିପାଇଁ ଆମ କେନ୍ଦ୍ରିୟ ଫେଡେରେସନ ର ସାଧାରଣ ସମ୍ପାଦକ ଜଗନ୍ନାଥ ଚକ୍ରବର୍ତୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପରୀକ୍ଷା ର ଦିନ ପରିବର୍ତ୍ତନ

କରିବାକୁ ଚିଠି ଲେଖି ଜଣାଇଥିଲେ । ବ୍ୟାଙ୍କ କର୍ତ୍ତୃପକ୍ଷ ଫେଡେରେସନ ର କଥା ମାନି ୦୮.୧୨.୨୦୧୯ ପରିବର୍ତ୍ତେ ୦୭.୧୨.୨୦୧୯ ତାରିଖରେ ପରୀକ୍ଷା ହେବ ବୋଲି ସାର୍କୁଲାର ଜାରି କରିଛନ୍ତି ।

**<u>ହେଡ କ୍ୟାସିୟର –II ଖାଲି ଥିବା ପଦବୀ ପୂରଣ ପ୍ରକ୍ରିୟା</u> :-** ନିମ୍ନ ଲିଖିତ ଶାଖା ମାନଙ୍କରେ ଖାଲିଥିବା H/C – II ପଦବୀ ପୂରଣ ପାଇଁ କର୍ତ୍ତୃପକ୍ଷ ସର୍କୁଲାର ଜାରି କରିଛନ୍ତି । ଏହି ପଦବୀ ପାଇଁ SWO-A & B ସାଥିମାନେ ଆବେଦନ କରିପାରିବେ ଆବଦନ କରିବାର ଶେଷ ତାରିଖ ୦୩.୦୧.୨୦୨୦ ରଖାଯାଇଛି । ପ୍ରାର୍ଥୀମାନେ ଆବେଦନ ଫର୍ମ ପୂରଣ କରି NRO ଭୁବନେଶ୍ୱର କୁ ପଠାଇବେ ଓ ୟୁନିୟନ ପରିବାର ମାଧ୍ୟମରେ ଆବେଦନ କରିବେ । ଉଭୟ ପ୍ରକ୍ରିୟାରେ ଆବେଦନ କରିବା ବାଧ୍ୟତା ମୂଳକ ଅଟେ।

| କ୍ର ନଂ | ଭୁବନେଶ୍ୱର କ୍ଷେତ୍ର ପାଇଁ ଖାଲିଥିବା ଶାଖାର ନାମ | କ୍ର ନଂ | ସମ୍ବଲପୁର କ୍ଷେତ୍ର ପାଇଁ ଖାଲିଥିବା ଶାଖାର ନାମ |
|---|---|---|---|
| ୧ | ଅନୁଗୁଳ | ୧ | ଭୁକ୍ତା |
| ୨ | ଆସ୍କା | ୨ | ବୋରୀଗୁମ୍ମା |
| ୩ | ବରାଡିଆ | ୩ | କାମଗାଁ |
| ୪ | ବଡ଼ବିଲ | ୪ | ଦେବଗଡ |
| ୫ | ଭାଞ୍ଜନଗର | ୫ | ଗାଇସିମା |
| ୬ | ବାଳମୁକୁଳି | ୬ | ଜୟପୁର |
| ୭ | ଚଢେୟାପଲ୍ଲୀ | ୭ | କନ୍ଧମାଳ |
| ୮ | ଦଶପଲ୍ଲା | ୮ | ଖରିଆର ରୋଡ |
| ୯ | ଜୟନଗର | ୯ | କୋରାପୁଟ |
| ୧୦ | ଯଇରାମପୁର | ୧୦ | କୋଟପାଡ |
| ୧୧ | କମାପଲ୍ଲୀ | ୧୧ | କୁଣ୍ଢେଇଗୋଳା |
| ୧୨ | କାମାକ୍ଷାନଗର | ୧୨ | ମାଲକାନଗିରି |
| ୧୩ | କେସୁଦୁରାପାଲ | ୧୩ | ମୁନିଗୁଡା |
| ୧୪ | ମଙ୍ଗଳପୁର | ୧୪ | ନୂଆପଡା |
| ୧୫ | ପୁରୁଷୋତ୍ତମପୁର | ୧୫ | ରାୟଗଡା |
| ୧୬ | ସାଉଥବଲଣ୍ଡା | ୧୬ | ସୋମାନଥପୁର |
| ୧୭ | ସାଉଥବଲଣ୍ଡା-କେ ଓ ସି ପି (ଇ/ସି) | | |
| ୧୮ | ତାଳଚେର | | |

**<u>ଜାନୁଆରି ୦୮ ତାରିଖ ସର୍ବ ଭାରରତୀୟ ଧର୍ମଘଟ</u> :-** ସାରା ଭାରତ ବର୍ଷର ଶ୍ରମିକ ବର୍ଗ ଆଜି ଶୋଷିତ,ନିଷ୍ପେସିତ,ଅଧିକାରହୀନ ଓ ନିଜ ଅନିଶ୍ଚିତ ଭବିଷ୍ୟତର ଭୟରେ ଭୟାତୁର। ଭାରତ ବର୍ଷର ବ୍ୟାଙ୍କ ଶିଳ୍ପରେ କାମ କରୁଥିବା ସମସ୍ତ କର୍ମଚାରୀ ବର୍ତ୍ତମାନ ପରିସ୍ଥିତିରେ କିଭଳି ଭାବେ ଲାଞ୍ଛିତ, ସରକାରଙ୍କ ମିଶ୍ରଣ/ଘରୋଇକରଣ ମାଡରେ ଘାଇଲା ଓ ଅନିଶ୍ଚିତ ଭବିଷ୍ୟତ ଆଶଙ୍କାରେ ଆଶଙ୍କିତ ତାହା ଆପଣ ମାନେ ଅଙ୍ଗେ ନିଭାଉଥିବେ। ବର୍ତ୍ତମାନର କେନ୍ଦ୍ର ସରକାର କର୍ମଚାରୀ ମାନଙ୍କ ପାଇଁ ମରଣ ଘଣ୍ଟି ବଜାଇବା ଆରମ୍ଭ କରିଛନ୍ତି । ନିକଟରେ କେନ୍ଦ୍ର ସରକାର ଶ୍ରମ ଆଇନକୁ ପରିବର୍ତ୍ତନ କରି ପାରିତ କରିଥିବା ୱେଜ କୋଡ ବିଲ୍ ଅନୁସାରେ  କର୍ମଚାରୀ ମାନେ ସଂପୂର୍ଣ୍ଣ ଭାବେ ଅସୁରିକ୍ଷିତ ଅଟନ୍ତି। ଏହି ବିଲ୍ ରେ ଥିବା ଆଇନ ଅନୁସାରେ ଯଦି ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣରୁ କର୍ମଚାରୀଙ୍କ ଉପରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ତାହେଲେ ସେହି କର୍ମଚାରୀ ଏହା ବିରୁଦ୍ଧରେ କୌଣସି କୋର୍ଟ ଓ ଟ୍ରିବ୍ୟୁନାଲ ର ଦ୍ୱାରସ୍ଥ ହୋଇ ପାରିବ ନାହିଁ । ଏହିପରି ଅନେକ କର୍ମାଚାରୀ ବିରୋଧୀ ଆଇନ ଗୁଡିକ ଏହି ବିଲ୍ ରେ କରାଯାଇଛି । କେନ୍ଦ୍ର ସରକାର ୧୨ ଟି ବ୍ୟାଙ୍କ ଗୁଡିକର ମିଶ୍ରଣ ଘଟାଇ ଦେଶର ଅର୍ଥନିତୀକୁ ଦିଗହରା କରିବା ସଙ୍ଗେ ସଙ୍ଗେ କର୍ମଚାରୀ ମାନଙ୍କ ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛନ୍ତି । ସରକାରଙ୍କର ଏହି ସବୁ କର୍ମଚାରୀ ବିରୋଧୀ ନୀତିକୁ ବିରୋଧ କରି ଭାରତ ବର୍ଷ ରେ ଥିବା ସମସ୍ତ ଟ୍ରେଡ ୟୁନିୟନ ମାନେ ଆଗାମୀ ଜାନୁଆରୀ ୦୮ ତାରିଖ ଦିନ ସର୍ବ ଭାରତୀୟ ଧର୍ମଘଟ ର ଡାକରା ଦେଇଛନ୍ତି । ଆମ ବ୍ୟାଙ୍କ ଶିଳ୍ପର ୩ଟି କର୍ମଚାରୀ ସଂଗଠନ(AIBEA-BEFI-INBEF) ଓ ୨ଟି ଅଧିକାରୀ ସଂଗଠନ(AIBOA-INBOC) ଏଥିରେ ସାମିଲ ହୋଇଛନ୍ତି । ତେଣୁ ଆପଣ ମାନେ ଆମ ସଙ୍ଗଠର ଜଣେ ଜଣେ ଲଢୁଆ ସାଥୀ ଭାବରେ ଏହି ଧର୍ମଘଟରେ ସାମିଲ ହୋଇ ଧର୍ମଘଟକୁ ସଂପୂର୍ଣ୍ଣ ସଫଳ କରିବା କୁ ଅନୁରୋଧ ।

ସଂଗ୍ରାମୀ ଅଭିନନ୍ଦନ ସହ ।

**ଅଜୟ କୁମାର ମହାନ୍ତି**

**ସାଧାରଣ ସମ୍ପାଦକ**